**ସଂକ୍ଷେପରେ**

## ବାର୍ହା ଫାଶରେ ପଡି ବୃଦ୍ଧ ଗୁରୁତର

ଜଗନ୍ନାଥପ୍ରସାଦ,୩।୨(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ଥାନା ଅଧୀନ ଲଙ୍କାଗଡ଼ ବନ୍ଦିରିଆ ସାହିର କାମ୍ପ ନାଇକ (୮୦) ଶିକାରୀଙ୍କ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। କାମ୍ପ ଜଣେ ଦିନ ମଜୁରିଆ। ସବୁଦିନ ପରି ସୋମବାର ମଧ୍ୟାହ୍ନରେ ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଉଥିବା ବେଳେ ଗ୍ରାମ ନିକଟ ପେଟାପଲ୍ଲୀଠାରେ ଥିବା ଆମ୍ବତୋଟା ବିଲମାଳରେ ବାର୍ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ଗୋଡ଼ରେ ଗୁଡେଇ ହୋଇଥିଲା। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲେ। ବିଦ୍ୟୁତ ବିଭାଗ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଜାରି ରଖିଛନ୍ତି।

## ଶିଶୁ ସୁରକ୍ଷା ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

ଫୁଲବାଣୀ,୩।୨(ରାକେଶ କୁମାର ରାଉତ)

ବନବାସୀ ସେବା ସମିତି ଦ୍ୱାରା ପରିଚାଳିତ ରକ୍ଷଣ ପ୍ରକଳ୍ପ ଓ ଜିଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ଆନୁକୂଲ୍ୟରେ ଶିଶୁ ସୁରକ୍ଷା ଉପରେ ଜିଲାସ୍ତରୀୟ କର୍ମଶାଳା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ ସ୍ୱାଗତ ସୂଚନା ଓ ରକ୍ଷଣ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ଦୋଳ ଗୋବିନ୍ଦ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, କମଳ ଲୋଚନ ପଣ୍ଡା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରଜତ ଦିଗାଲ ଓ ସଦସ୍ୟ ତଥା ସ୍ୱାସ୍ଥ୍ୟ ବିଭାଗ ଏଡିପିଏଚଇଓ ଉପସ୍ଥିତ ଥିଲେ। ମୁଖ୍ୟ ଟ୍ରେନର ଭାବେ ରାଜ୍ୟ ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା ବିଭିନ୍ନ ଅଡିଓ ଭିଜୁଆଲ, ଖେଳ ଏବଂ ପାୱାର ପଏଣ୍ଟ ଦ୍ୱାରା ବିଭିନ୍ନ ବିଭାଗର ଭୂମିକା ଓ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ବନବାସୀ ସେବା ସମିତି ସମ୍ପାଦକ ରବୀନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ରକ୍ଷଣ କର୍ମକର୍ତ୍ତା ରାଜଲକ୍ଷ୍ମୀ ମହାକୁଡ, ସସ୍ମିତା କରନ, ସୁପ୍ରଭା ନାୟକ, ରଶ୍ମି ରଞ୍ଜନ ପଟ୍ଟନାୟକ, ମନୋଜ ପ୍ରଧାନ ସହାୟତା କରିଥିଲେ।

## ଜଳଯୋଗାଣ ପ୍ରକଳ୍ପ ମୋଟର ଚୋରି

ଆସିକା,୩।୨(ସୁରେନ୍ଦ୍ରନାଥ ସାହୁ):

ଆସିକା ବ୍ଲକ ଗୁଣ୍ଡପଡା ପଞ୍ଚାୟତ ଅନ୍ତର୍ଗତ ରାଇପଲ୍ଲୀ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣ ଲାଗି ହୋଇଥିବା ଜଳଯୋଗାଣ ପ୍ରକଳ୍ପର ମୋଟର ଗତ ୧ ତାରିଖ ରାତିରେ ଚୋରି ହୋଇଯାଇଛି । ଗ୍ରାମ ଉପକଣ୍ଠ ବଡନଦୀ କୁଳରେ ଥିବା ଏହି ପମ୍ପ ହାଉସରୁ ମୋଟର ଚୋରି ପରେ ଗ୍ରାମକୁ ହେଉଥିବା ଜଳଯୋଗାଣ ବ୍ୟବସ୍ଥା ଠପ ହୋଇଯାଇଛି ଫଳରେ ଗ୍ରାମର ୨୨୦ ପରିବାର କୂଅ ଓ ନଦୀକୁଯାଇ ପାଣି ଆଣିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ ପୋଲିସରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

# ନଳକୂପରୁ ବାହାରୁଛି ଗୋଳିଆ ଲୌହଯୁକ୍ତ ପାଣି

ପାରଳାଖେମୁଣ୍ଡି,୩।୨(ଗିରିଧାରୀ ପରିଛା)



ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅଭିଯୋଗ କରୁଛନ୍ତି ଗ୍ରାମବାସୀ।

ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଲାବଣ୍ୟଗଡ ପଞ୍ଚାୟତର କାନସରଡା ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି। ଏହାକୁ ନେଇ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଗ୍ରାମରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣରେ ରହିଥିବା ସମସ୍ୟାକୁ ନେଇ ଗ୍ରାମବାସୀ ବାରମ୍ବାର ଜନ ପ୍ରତିନିଧି, ବ୍ଲକ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି କେହି ଗୁରୁତ୍ୱ ଦେଇ ନ ଥିଲେ ; ଯାହାକୁ ନେଇ ଗତ ନିର୍ବାଚନ ସମୟରେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଥିଲେ। ମାତ୍ର ପ୍ରଶାସନ ଗ୍ରାମବାସୀଙ୍କୁ ବୁଝାଶୁଝା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାରୁ ସେମାନେ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଇତି ମଧ୍ୟରେ ନିର୍ବାଚନ ସରିବାର ୭ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କ ପ୍ରତିଶ୍ରୁତି ପାଳନ କରିବାକୁ ଭୁଲିଯାଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମରେ ଦୀର୍ଘଦିନ ହେଲା ଲୋକେ ସ୍ୱଚ୍ଛ ପାଣି ମୁନ୍ଦାଏ ପାଇବାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମରେ ୮୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ୪୦୦ରୁ ଊର୍ଦ୍ଧ୍ୱ ରହିଛି। ଖରାଦିନ ଆସିଲେ ବନ୍ଧ, ନାଳ ଓ ନଳକୂପଗୁଡ଼ିକ ଶୁଖିଯାଏ। ଗ୍ରାମରେ ୨ଟି ନଳକୂପ ଥିଲେ ମଧ୍ୟ ସେଥିରୁ ଗୋଳିଆ ରଙ୍ଗର ଲୌହଯୁକ୍ତ ପାଣି ବାହାରୁଛି। ଫଳରେ ଏହା ପିଇବା ଉପଯୋଗୀ ହୋଇପାରୁନି। ସେହି ପାଣି ପିଇଲେ ଲୋକେ ବିଭିନ୍ନ ପ୍ରକାର ରୋଗରେ ପୀଡ଼ିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପାଇଁ ଗ୍ରାମବାସୀ ସରପଞ୍ଚଙ୍କଠାରୁ

- ବିଭିନ୍ନ ରୋଗରେ ଲୋକେ ହେଉଛନ୍ତି ଆକ୍ରାନ୍ତ
- ବାରମ୍ବାର ଜଣାଇ ମଧ୍ୟ ଶୁଣୁନି ପ୍ରଶାସନ
- ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇ ଭୁଲିଗଲେ

ଆରମ୍ଭ କରି ଜିଲା ପ୍ରଶାସନର ଅଧିକାରୀମାନଙ୍କୁ ସମସ୍ୟା ଜଣାଇଛନ୍ତି। ଏଯାଏ ଏହାର କୌଣସି ସମାଧାନ ହୋଇପାରିନାହିଁ। ଯଦି ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେବ ତେବେ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଗ୍ରାମର ଲୋକନାଥ ସାମଲ, ସାଇ ପାତ୍ର ଓ ଅନ୍ୟମାନେ କହିଛନ୍ତି। ଏନେଇ ଉପ ବିଭାଗୀୟ ଅଧିକାରୀ ରବୀନ୍ଦ୍ର ଚୌଧୁରୀଙ୍କୁ ପଚାରିବାରୁ ସେ କହିଲେ, ଜଳସମସ୍ୟା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିକଟରେ ପହଞ୍ଚିବା ପରେ ଅଭିଯୋଗ ଅନୁଯାୟୀ ସେଠାରେ ଥିବା ନଳକୂପର ଜଳ ପରୀକ୍ଷା କରି ନଳକୂପକୁ ଶୀଘ୍ର ମରାମତି କରାଯିବ।

## ରୋଗ ବଢ଼ାଉଛି ନଳକୂପର ଦୂଷିତ ପାଣି

ଗୁମ୍ମା,୩।୨(ପ୍ରବୀଣ କୁମାର ଲିମା)

ବ୍ଲକ ଅନ୍ତର୍ଗତ ଗୁମ୍ମା ଗ୍ରାମ ପାଇକ ସାହିରେ ଦେଖିବାକୁ ମିଳିଛି ବିକଳ ଚିତ୍ର। ନଳକୂପରେ ବାହାରୁଥିବା ଦୂଷିତ ପାଣି ପିଇ ବିଭିନ୍ନ ରୋଗର ଶିକାର ହେଉଛନ୍ତି ସାହି ବାସିନ୍ଦା। ଦୀପତଳ ଅନ୍ଧାର ଭଳି ଶବ୍ଦ ଏହି ଗ୍ରାମ ପାଇଁ ସମ୍ପୂର୍ଣ୍ଣ ସତ୍ୟ ମନେ ହେଉଛି। ପିଇବା ପାଣି ଭଳି ଏକ ମୌଳିକ ଆବଶ୍ୟକତା ପୂରଣ କରି ପାରୁ ନାହାନ୍ତି ପ୍ରଶାସନ। ଗୁମ୍ମା ବ୍ଲକ ଠାରୁ ମାତ୍ର ୫୦୦ମି. ଦୂରରେ ଥିବା ଏହି ସାହିରେ ପିଇବା ପାଣି ପାଇଁ ବହୁତ ଅସୁବିଧା ହେଉଛି। ୨୫୦ରୁ ଊର୍ଦ୍ଧ୍ୱ ଘର ଥିବା ଏହି ସାହିରେ ୨ଟି ନଳକୂଅ ଅଛି। ଦୀର୍ଘ ଦୁଇ ବର୍ଷ ହେଲା ଏହି ନଳକୂଅ ପାଣିରୁ ଦୁର୍ଗନ୍ଧ ବାହାରୁଥିବା ବେଳେ ପାଣିରେ ବହଳିଆ ହଳଦିଆ ଆବରଣ ବସି ଯାଉଛି। ଦୂଷିତ ପାଣି ପିଇ ଚର୍ମ ରୋଗ, କିଡନୀ, ଜ୍ୱର, କାଶ ଇତ୍ୟାଦି ରୋଗରେ ପୀଡିତ ହେଉଥିବା ଅଭିଯୋଗ କରିଛନ୍ତି। ଏହି ପାଣିରେ ରୋଷେଇ କଲେ ଖାଦ୍ୟ ମଧ୍ୟ କିଛି ସମୟ ପରେ ଖରାପ ହୋଇଯାଉଛି। ପ୍ରଶାସନ ପାଣି ପରୀକ୍ଷା ନିମନ୍ତେ ପଠାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ଉତ୍ତର ଆସିନି। ପାଇକ ସାହି ବାସିନ୍ଦା ଦୁଇ ବର୍ଷ ଧରି ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ହୃଷୀକେଶ ମାରାଣ୍ଡିଙ୍କୁ ଅଭିଯୋଗ କରି ଆସୁଥିଲେ ମଧ୍ୟ ଏଥିପ୍ରତି କୌଣସି ତତ୍ପର ଦେଖାଉ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଖରାପ ଥିବା ଦୁଇଟି ନଳକୂପ ମରାମତି କରି ସ୍ୱଚ୍ଛ ପାନୀୟ ଜଳ ନ ଯୋଗାଇଲେ ଆଗାମୀ ଦିନରେ ରାସ୍ତାରୋକ କରି ଆନ୍ଦୋଳନ କରିବାପାଇଁ ପାଇକ ସାହିର ଚକ୍ରଧର ପାଇକ, ପୁଷ୍ପାଞ୍ଜଳି ପଣ୍ଡା, ସରସ୍ୱତୀ ଜେନା, ଉମଣି ମହାନ୍ତି, ସଂଯୁକ୍ତା ପାଇକ, ସନ୍ଧ୍ୟା ପାଇକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଉପେନ୍ଦ୍ର ଭଞ୍ଜଙ୍କୁ ବିଶ୍ୱ ଦରବାରରେ ପରିଚିତ କରାଯିବ



ଡ. କମ୍ବୁପାଣି ପାଣି ସାମନ୍ତଙ୍କୁ ବିଧାୟକ ସମ୍ମାନିତ କରୁଛନ୍ତି।

ଭଞ୍ଜନଗର,୩।୨(ବାବୁଲା ପ୍ରଧାନ):

ସ୍ଥାନୀୟ ଭଞ୍ଜ ସାହିତ୍ୟ ପରିଷଦରେ ରବିବାର ସନ୍ଧ୍ୟାରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ମାଟିର ବରପୁତ୍ର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ବୀରପୁତ୍ର ଚକରା ବିଷୋୟୀଙ୍କୁ ବିଶ୍ୱ ଦରବାରରେ ପରିଚିତ କରାଇବାକୁ ଯଥାସମ୍ଭବ ଉଦ୍ୟମ କରୁଛି। ଏଥିସହ ଅବହେଳିତ ଅବସ୍ଥାରେ ଥିବା ଭଞ୍ଜ ସାହିତ୍ୟ ପରିଷଦର ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଭଞ୍ଜ ଗବେଷକ ଡ କମ୍ବୁପାଣି ପାଣି ସାମନ୍ତ, ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ଗୋପବନ୍ଧୁ ମହାପାତ୍ର, ମୁଖ୍ୟ ଆଲୋଚକ ଭାବେ ଡ କୃଷ୍ଣ କେଶବ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏହି ଅବସରରେ ଡ. କମ୍ବୁପାଣି ପାଣି ସାମନ୍ତଙ୍କୁ 'ଭଞ୍ଜ ଜ୍ୟୋତି' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ. ସୁରେଶ ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଅଶୋକ ସ୍ୱାଇଁ ଓ ଅଧ୍ୟାପକ ଦୁର୍ଗାମାଧବ ଦାଶଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ହୋଇଥିବା ବେଳେ ଲୋକନାଥ କର ସଭା ସଂଯୋଜନା କରିଥିଲେ । ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ୟାମା ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚଶିଳ୍ପୀ ଉପେନ୍ଦ୍ର ଶତପଥୀ, ଟୁନା ଜେନା, ସୀମାଞ୍ଚଳ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଉତ୍ତମ ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



କୃତୀ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରୁଛନ୍ତି ଅତିଥି ।

ଗଞ୍ଜାମ,୩।୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତ ରଘୁନାଥପୁର ଗ୍ରାମସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ଦ୍ୱାଦଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉଦଘାଟକ ଭାବେ ଶଙ୍କରାନନ୍ଦ ମହାରାଜ ଯୋଗଦେଇ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ହୁମ୍ମା ସଲ୍ଟ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ରଥ, ରମ୍ଭା ପୂର୍ବତନ ନଗରପାଳ ସୁବାଷ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ସନ୍ତୋଷିନୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଉଜ୍ଜଳ ଭବିଷତ କାମନା କରିଥିଲେ। ଉତ୍ତମ ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ ଜେନା ମତବ୍ୟକ୍ତ କରିଥିଲେ। ପରେ ଅତିଥି ମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। କୁକୁଡ଼ାଖଣ୍ଡି ବ୍ଲକ ପୂର୍ବତନ ସରପଞ୍ଚ ତଥା ପିଇଓ ପଞ୍ଚାନନ ସେଠୀ ଓ ସାମାଜିକ କର୍ମୀ ଯଯାତି ନାୟକଙ୍କୁ ମନ୍ତ୍ରୀ ସମ୍ମାନିତ କରିଥିଲେ। ସ୍ୱସ୍ତିକ ସୁନ୍ଦର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଫୁଲବାଣୀ କଲେଜରେ ସରସ୍ୱତୀ ପୂଜାକୁ ନେଇ ବିବାଦ

ଫୁଲବାଣୀ,୩।୨
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାର ସର୍ବବୃହତ ଶିକ୍ଷାନୁଷ୍ଠାନ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମା' ସରସ୍ୱତୀଙ୍କ ପୂଜାକୁ ନେଇ ବିବାଦ ଦେଖା ଦେଇଛି। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ପୂଜା ବିଳମ୍ବିତ ହୋଇଥିଲା। ଏହାକୁ ନେଇ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ସକାଳୁ ମହାବିଦ୍ୟାଳୟରେ ସରସ୍ୱତୀ ପୂଜା ହେଉ ନ ଥିବା ଜଣା ପଡିଥିଲା। ଏହା ଜାଣିବା ପରେ କିଛି ଛାତ୍ର ସଙ୍ଗଠନ କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ ପହଞ୍ଚି ଏହାର କାରଣ ଖୋଜିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ନିକଟରେ ପ୍ରତିବାଦ କରାଯାଇଥିଲା। ଅଧ୍ୟକ୍ଷ ଏଥିରେ ହସ୍ତକ୍ଷେପ କରି ଦାୟିତ୍ୱରେ ଥିବା ଅଧ୍ୟାପକଙ୍କ ସହିତ ଯୋଗାଯୋଗ କରିବା ପରେ ବହୁ ବିଳମ୍ବରେ ସରସ୍ୱତୀ ପୂଜା ହୋଇଥିଲା। ତେବେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ଆଭିମୁଖ୍ୟ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଅପରପକ୍ଷରେ, ଅଧ୍ୟକ୍ଷ ଡ ସୁବାଷ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ମହାବିଦ୍ୟାଳୟରେ ସରସ୍ୱତୀ ପୂଜା ଆୟୋଜନ ପାଇଁ ବୈଠକ ଅନୁଷ୍ଠିତ ହୋଇ ଦୁଇ ଜଣ ଅଧ୍ୟାପକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେମାନେ ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କ ସହ ଯୋଗାଯୋଗ କରି ପୂଜା ଆୟୋଜନ କରିବା ପାଇଁ କୁହାଯାଇଥିଲା। ମାତ୍ର ସମନ୍ୱୟର ଅଭାବରୁ ଏଭଳି ଘଟିଥିବା ଅଧ୍ୟକ୍ଷ କହିଥିଲେ।

## ୨ ପଞ୍ଚାୟତ ସମସ୍ୟା ବୁଝିଲେ ବ୍ଲକ ଅଧ୍ୟକ୍ଷା

ଡୁମୁଡିବନ୍ଧ,୩।୨
(ଦୀପକ କୁମାର ପରାସେଠ):



ଲୋକଙ୍କ ସହ ଆଲୋଚନା କରୁଛନ୍ତି ବ୍ଲକ ଅଧ୍ୟକ୍ଷା ।

ଡୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ସୋମବାର ଭଣ୍ଡରଙ୍ଗି ଓ ଝିରିପାଣି ପଞ୍ଚାୟତ ଗସ୍ତ କରି କୁଟିଆକନ୍ଧ ସମ୍ପ୍ରଦାୟର ଆଦିମ ଜନଜାତି ବସବାସ କରୁଥିବା ସିଁକୀ, ସୁରାଙ୍ଗ ବାରୁ ଓ କୁମ ସରଫା ଆଦି ଗ୍ରାମରେ ସମସ୍ୟା ବୁଝିଛନ୍ତି। ମହିଳା ଓ ପୁରୁଷଙ୍କ ସହ ଆଲୋଚନା କରି ଭତ୍ତା ଠିକ ଭାବେ ପାଉଛ କି ନାହିଁ, କେହି ଯୋଗ୍ୟ ହିତାଧିକାରୀ ଭତ୍ତାରୁ ବଞ୍ଚିତ ଅଛନ୍ତି କି ଆଦି ଲୋକଙ୍କୁ ପଚାରି ବୁଝିଛନ୍ତି। ସେହିପରି ଗ୍ରାମରେ ପିଇବା ପାଣିର ବ୍ୟବସ୍ଥା ହୋଇଛି କି ନାହିଁ, ପ୍ରଧାନମନ୍ତ୍ରୀ ଜନ ମନ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେତେ ଜଣ ଘର ପାଇଛନ୍ତି ତାହା ବୁଝିଥିଲେ। କୃଷି କାର୍ଯ୍ୟ ନିମନ୍ତେ ଉପଯୋଗୀ ଜାଗାରେ ଆଡ଼ି ବନ୍ଧ କରି ଜଳ ସେଚନ ବ୍ୟବସ୍ଥା କରାଯିବା ନିମନ୍ତେ ବ୍ଲକ ଅଧ୍ୟକ୍ଷା ଗ୍ରାମବାସୀମାନଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ବୁଝାଇଥିଲେ।

## 'କବିସୂର୍ଯ୍ୟଙ୍କ ଜନ୍ମ, ସାରସ୍ୱତ ସାଧନାସ୍ଥଳ ଆଠଗଡ଼'

କବିସୂର୍ଯ୍ୟନଗର,୩।୨(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟ ବଳଦେବ ସ୍ମୃତି ସଂସଦ ପକ୍ଷରୁ ବସନ୍ତ ପଞ୍ଚମୀ ତିଥିରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ପାଳିତ ହୋଇଛି। ସଂସଦ ସଭାପତି ପ୍ରଫେସର କୈଳାସନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ଯଦୁକୁଳ ଚନ୍ଦ୍ର ପଟ୍ଟନାୟକ କବିସୂର୍ଯ୍ୟଙ୍କ ରଚିତ ଚମ୍ପୁ ଗାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର ଡାକୁଆ କବିସୂର୍ଯ୍ୟଙ୍କ ଜନ୍ମ, ସାଧନା ତଥା ମହାପ୍ରୟାଣ ଆଠଗଡଠାରେ ହିଁ ହୋଇଥିଲା ଯାହାକି ବିଭିନ୍ନ କାବ୍ୟ, କବିତା, କିମ୍ବଦନ୍ତୀରୁ ଜଣାପଡେ ବୋଲି କହିଥିଲେ। ପ୍ରଫେସର ସ୍ୱାଇଁ କହିଥିଲେ ଯେ,ସମସ୍ତ ଚମ୍ପୁ, ଚଉତିଶା ଓ ଜଣାଣରୁ କବିସୂର୍ଯ୍ୟଙ୍କ ଜନ୍ମ ଓ ସାରସ୍ୱତ ସାଧନା ଅଷ୍ଟଦୁର୍ଗ ଆଠଗଡ଼ରେ ହୋଇଥିବା ଜଣାପଡେ। ଆଠଗଡ଼ ରାଜପରିବାରର ଦାୟାଦ ଦୁର୍ଗାଶଙ୍କର ପ୍ରସାଦ କବିସୂର୍ଯ୍ୟଙ୍କ ଜନ୍ମ ସମ୍ବନ୍ଧୀୟ ପ୍ରମାଣ ପରିତ୍ୟକ୍ତ ଅବସ୍ଥାରେ ରାଜପ୍ରସାଦରେ ରହିଛି ବୋଲି କହିଥିଲେ। ବିଶ୍ୱନାଥ ରାଉତ, ନିତ୍ୟାନନ୍ଦ ପୋଲାଇ, ପ୍ରସନ୍ନ ତ୍ରିପାଠୀ, ନନ୍ଦକିଶୋର ମିଶ୍ର, ଭରତ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ ହଜାର ଅଶ୍ୱଗନ୍ଧା ଚାରା ବଣ୍ଟନ



ଖଜୁରିପଡ଼ା,୩।୨(ବିଦୁର ବେହେରା)
ଖଜୁରିପଡ଼ା ବ୍ଲକ ଦୂତି ମେଣ୍ଡି ପଞ୍ଚାୟତର ସମ୍ନେପଦର ଠାରେ ସୋମବାର ଜାଗ୍ରତ ଓଡ଼ିଶା ପକ୍ଷରୁ ୯୦ ଜଣ ଚାଷୀଙ୍କୁ ୧୦ ହଜାର ଅଶ୍ୱଗନ୍ଧା ଚାରା ବଣ୍ଟନ କରାଯାଇଛି। ରାଜ୍ୟ ମେଡ଼ିସିନାଲ୍ ପ୍ଲାଣ୍ଟ ବୋର୍ଡ ଏବଂ ଜାତୀୟ ମେଡ଼ିସିନାଲ୍ ପ୍ଲାଣ୍ଟ ବୋର୍ଡର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜାଗ୍ରତ ଓଡ଼ିଶା ଅନୁଷ୍ଠାନର ଅଶ୍ୱ ଗନ୍ଧା ଚାଷର ପ୍ରଚାର, ପ୍ରସାର ନିମନ୍ତେ ଚାଷୀ ମାନଙ୍କୁ ମାଗଣାରେ ଚାରା ବଣ୍ଟନ କରାଯାଉଛି। ଅଶ୍ୱଗନ୍ଧା ଗଛର ଔଷଧୀୟ ଗୁଣ, ଚାଷ ପ୍ରଣାଳୀ, ଉପକାରିତା, ସହିତ ଏହାର ବ୍ୟବହାର ସମ୍ବନ୍ଧରେ ଚାଷୀଙ୍କୁ ଅବଗତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦାରିଙ୍ଗବାଡ଼ି ବ୍ଲକର ସିମନ୍‌ବାଡ଼ି ଠାରେ ୯୦ ହଜାର ଚାରା ବଣ୍ଟନ କରାଯାଇଥିବା ବେଳେ ଖଜୁରିପଡ଼ା ବ୍ଲକର ସମ୍ନେପଦର ଠାରେ ୧୦ ହଜାର ଚାରା ବଣ୍ଟନ କରାଯାଇଥିବା ଜାଗ୍ରତ ଓଡ଼ିଶାର ଉପଦେଷ୍ଟା ଐଶ୍ୱର୍ଯ୍ୟ ବରାଳ ସୂଚନା ଦେଇଛନ୍ତି। ଏଥିରେ ରାଜ୍ୟ ମେଡ଼ିସିନାଲ୍ ପ୍ଲାଣ୍ଟ ବୋର୍ଡର ଇପିଶିତ ପରିଡ଼ା ସମେତ ଜାଗ୍ରତ ଓଡ଼ିଶାର ଉପଦେଷ୍ଟା ସତ୍ୟଜିତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକମାନେ ଆମ ଦେଶର ମେରୁଦଣ୍ଡ

ଛତ୍ରପୁର, ୩।୨ (ଦିଲ୍ଲୀପ ସାମଲ)

ଛତ୍ରପୁର ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଜିଲା ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେମାନଙ୍କୁ ପଞ୍ଜୀକରଣ ପତ୍ର ଓ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକ ହେଉଛନ୍ତି ଦେଶର ମେରୁଦଣ୍ଡ। ବିଭିନ୍ନ କମ୍ପାନୀଗୁଡ଼ିକରେ ସ୍ଥାନୀୟ ଅଞ୍ଚଳର ଶ୍ରମିକମାନଙ୍କ ନିଯୁକ୍ତି, ଏହାର ତଦାରଖ, ବିନା ଲାଇସେନ୍ସରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଉଥିବା ଠିକାଦାରଙ୍କ ଉପରେ ନଜର ରଖିବା ଶ୍ରମ ଅଧିକାରୀଙ୍କ ଦାୟିତ୍ୱ ବୋଲି କହିଥିଲେ। ପରେ ବିଧାୟକ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଅତିରିକ୍ତ ଜିଲାପାଳ ସୁଧାଂଶୁ ଭୋଇ, ବ୍ରହ୍ମପୁରର ପ୍ରଭାଗୀୟ ଶ୍ରମ ଆୟୁକ୍ତ ବାବୁଚରଣ ରଣପାତ୍ର, ଛତ୍ରପୁର ଜିଲା ଶ୍ରମ ଅଧିକାରୀ ବର୍ଷାରିଣୀ ଜେନା, ସହକାରୀ ଶ୍ରମ ଅଧିକାରୀ ରଶ୍ମିରେଖା ପଣ୍ଡା, ଆସିକା ସହକାରୀ ଶ୍ରମ ଅଧିକାରୀ ବି. ହୃଷୀକେଶ ରାଓ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ୭୯୧ ଜଣ ହିତାଧିକାରୀଙ୍କୁ ଶିକ୍ଷା ସହାୟତା ରାଶି ବାବଦରେ ୬୧ ଲକ୍ଷ ୬ହଜାର ୬ ଶହ ଟଙ୍କା।, ୪୪୬ ହିତାଧିକାରୀଙ୍କୁ ବିବାହ ସହାୟତା ରାଶି ରୂପେ ୨କୋଟି ୨୦ ଲକ୍ଷ, ୧୭ ହିତାଧିକାରୀଙ୍କୁ ପ୍ରସୂତିକାଳୀନ ସହାୟତା ବାବଦରେ ୧ ଲକ୍ଷ ୭୦ହଜାର ଟଙ୍କା, ୧୦୯ ହିତାଧିକାରୀଙ୍କ ମନୋନୀତ ବ୍ୟକ୍ତିଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୨କୋଟି ୧୮ଲକ୍ଷ ଟଙ୍କା, ୮୯ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟାଜନିତ ସହାୟତା ଭାବେ ୪ଲକ୍ଷ ୪୫ହଜାର ଟଙ୍କା, ଏପରି ୧୪୫୨ ଜଣ ହିତାଧିକାରୀଙ୍କୁ ୫ କୋଟି ୫ଲକ୍ଷ ୨୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଅଣ ସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡରେ ୨ ଜଣ ହିତାଧିକାରୀଙ୍କ ମନୋନୀତ ବ୍ୟକ୍ତିଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ୨ ଲକ୍ଷ ଟଙ୍କା ସେମାନଙ୍କ ଆକାଉଣ୍ଟକୁ ପଠାଯିବ। ଏହି ଅବସରରେ ୪୦୦ ନୂତନ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।



ଅତିଥି ଜଣେ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଗଞ୍ଜାମ ଷ୍ଟେଶନରେ ଏକ୍ସପ୍ରେସ୍ ଟ୍ରେନ ରହଣି ପାଇଁ ଡିଆର୍ଏମ୍‌ଙ୍କୁ ଦାବିପତ୍ର

ଗଞ୍ଜାମ,୩।୨(ବିଦ୍ୟାଧର ସାହୁ)

ଗଞ୍ଜାମ ଷ୍ଟେଶନରେ ଦୁଇ ଏକ୍ସପ୍ରେସ ଟ୍ରେନ ପୁରୀ ଅହମ୍ମଦାବାଦ ଓ ପୁରୀ ତିରୁପତି ରହଣି ପାଇଁ ଡିଆର୍ଏମ୍ ଭୂପିନ୍ଦର ସିଂ ଭଲ୍ଲାବାଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ସୋମବାର ଦାବିପତ୍ର ପ୍ରଦାନ କରିଛନ୍ତି । ସୋମବାର ସନ୍ଧ୍ୟାରେ ଡିଆର୍ଏମ୍ ଭଲ୍ଲାବା ଓ ଜେନେରାଲ ମ୍ୟାନେଜର ପରମେଶ୍ୱର ଫୁଙ୍କୱାଲ ଏକ ସ୍ୱତନ୍ତ୍ର ଟ୍ରେନରେ ଗଞ୍ଜାମ ଷ୍ଟେଶନଠାରେ ପହଞ୍ଚିବା ପରେ ବରିଷ୍ଠ ନାଗରିକ, ପୌର ପରିଷଦ କର୍ମକର୍ତ୍ତାମାନେ ତାଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଦୀର୍ଘବର୍ଷ ହେବ ଏଠାରେ ଉପରୋକ୍ତ ଦୁଇ ଏକ୍ସପ୍ରେସ ଟ୍ରେନ ରହଣି ନିମନ୍ତେ ଦାବି ହୋଇ ଆସୁଥିବା ଅଞ୍ଚଳବାସୀ ଡିଆର୍ଏମ୍‌ଙ୍କୁ ଅବଗତ କରାଇଥିଲେ। ଏଥିସହ ଅପରାହ୍ନରେ ଏଠାରେ ଡିଏମ୍‌ୟୁ ରହିବା ଲାଗି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଡିଆର୍ଏମ୍ ଭଲ୍ଲାବାଙ୍କୁ ଅନୁରୋଧ କରିଥିଲେ। ଉକ୍ତ ଡିଏମ୍‌ୟୁ ଅପରାହ୍ନ ୪ଟାରେ ଏବଂ ସାଢେ ୧୨ଟାରେ ଗଞ୍ଜାମ ଷ୍ଟେଶନ ଦେଇ ଭୁବନେଶ୍ୱର ଯାଉଛି। ଏଠାରେ ଉକ୍ତ ଟ୍ରେନ ରହିଲେ ବହୁ ଜନସାଧାରଣ ଉପକୃତ ହେବେ ବୋଲି ଡିଆର୍ଏମ୍‌ଙ୍କ ସହ ଆଲୋଚନା ହୋଇଥିଲା । ଡିଆର୍ଏମ୍ ଓ ଜେନେରାଲ ମ୍ୟାନେଜରଙ୍କୁ ଭେଟିବା ବେଳେ ବରିଷ୍ଠ ନାଗରିକ ପରିଷଦ ସଭାପତି ରବୀନ୍ଦ୍ର ପଣ୍ଡା, ବିନୋଦ ମହାପାତ୍ର, ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକ, ଗିରିଶ ଆଚାର୍ଯ୍ୟ, ସୁଦାମ ଜେନା, ମନୁ ମହାପାତ୍ର, ବ୍ରଜ ପାଣିଗ୍ରାହୀ, ବସନ୍ତ ସାବତ, ବିଜୟ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### କାଳିପଲ୍ଲୀ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

ଛତ୍ରପୁର,୩।୨(ଦିଲୀପ ସାମଲ):

ଛତ୍ରପୁର ବ୍ଲକ ଅନ୍ତର୍ଗତ କାଳିପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କାଳିପଲ୍ଲୀ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ବି. ସୋମେୟା ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନମିତା ରାଣୀ ରାଉତ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହିତ ନିପୁଣ ଭାରତ ଓ ନିପୁଣ ଓଡ଼ିଶାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ବି. ଚନ୍ଦ୍ରମଣି ପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ହରିପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ୟୁ. ଶିବ ପ୍ରସାଦ ଦୋରା, ଉପୁଲାପୁଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ପଟ୍ଟନାୟକ, ବାସନାପୁଟି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଚକ୍ରଧର ବେହେରା, କାଳିପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା, ବଡପୁଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତପସ୍ୱିନୀ ବୁର୍ଲୀ ଓ ପି. ଲକ୍ଷ୍ମୀପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଗ୍ରସେନ ବେହେରାଙ୍କୁ ପ୍ରଶଂସା ପତ୍ର ଓ ଫୁଲତୋଡା ଦେଇ ସମ୍ମାନିତ କରାଯାଇଥିଲା ।

# ଯାତ୍ରୀଙ୍କ ସୁବିଧାକୁ ଗୁରୁତ୍ୱ, ଶୀଘ୍ର ସରିବ ନୂତନ କୋଠା

## ବ୍ରହ୍ମପୁର ରେଲୱେ ଷ୍ଟେଶନକୁ ଇଷ୍ଟକୋଷ୍ଟ ଜିଏମ୍‌ଙ୍କ ଗସ୍ତ

ବ୍ରହ୍ମପୁର,୩।୨(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ରେଲୱେ ଷ୍ଟେସନକୁ ସୋମବାର ଇଷ୍ଟକୋଷ୍ଟ ରେଲୱେ ଜେନେରାଲ ମ୍ୟାନେଜର ପରମେଶ୍ୱର ଫୁଙ୍କୱାଲ ଗସ୍ତ କରିଛନ୍ତି। ଗସ୍ତ ସମୟରେ ସେ ଅମୃତ ଯୋଜନା ମାଧ୍ୟମରେ ରେଲୱେ ଷ୍ଟେସନରେ ଜାରି ରହିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ବୁଲି ଦେଖିଥିଲେ। ସେ କହିଛନ୍ତି ଯେ, ଲେଭଲ କ୍ରସିଂ ଓ ଯାତ୍ରୀଙ୍କ ସୁରକ୍ଷା ପାଇଁ ରହିଥିବା ପଦକ୍ଷେପ ଗୁଡିକୁ ତଦାରଖ କରାଯାଇଛି। ରେଲୱେ ଷ୍ଟେସନର ମୁଖ୍ୟ ପ୍ରବେଶ ଦ୍ୱାର ଏକ ପୁରାତନ କୋଠା। ପୁରାତନ କୋଠାର ମଡେଲକୁ କୌଣସି କ୍ଷତି ନ କରି କିଭଳି ନୂତନ କୋଠା ନିର୍ମାଣ ହୋଇପାରିବ ସେ ନେଇ ଏକ ଯୋଜନା କରାଯାଇଛି। ଯାତ୍ରୀଙ୍କ ସୁବିଧା ନିମନ୍ତେ ମଧ୍ୟ ସମସ୍ତ ପ୍ରକାର ଯୋଜନା କରାଯିବ। ତେବେ ଦୀର୍ଘ ଦିନରୁ ନୂତନ କୋଠା କାର୍ଯ୍ୟ ଚାଲିଥିବା ବେଳେ ଖୁବ ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଜେନେରାଲ ମ୍ୟାନେଜର ସୂଚନା ଦେଇଛନ୍ତି। ଏଥିସହ ଡିଜାଇନରେ



ଜେନେରାଲ ମ୍ୟାନେଜର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରୁଛନ୍ତି।

ବି ପରିବର୍ତ୍ତନ କରାଯିବ। ଷ୍ଟେସନ ପରିସରରେ ଆଉ ଏକ ଏସକେଲେଟର କରିବା ପାଇଁ ଯୋଜନା ରହିଛି। ବର୍ତ୍ତମାନ ଚାଲିଥିବା ଉନ୍ନୟନ କାର୍ଯ୍ୟ ସରିବା ପରେ ପରବର୍ତ୍ତୀ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରସ୍ତୁତି ସରିଛି। ଗୋପାଳପୁରଠାରୁ–ସମ୍ବଲପୁର–ଗୋପାଳପୁର–ରାୟଗଡା ନୂତନ ରେଳପଥର ସଂଯୋଗୀକରଣ ପାଇଁ ବିଭିନ୍ନ ସର୍ଭେ କାର୍ଯ୍ୟ ବାକି ରହିଛି। ଆଗାମୀ ଦିନରେ ଏହି ନୂତନ ରେଳପଥ ଦ୍ୱାରା ରାଜସ୍ୱ ଆଦାୟ ଓ ଏହା ସଫଳ ହୋଇପାରିବ କି ନାହିଁ ସେଥିନେଇ ବିସ୍ତୃତ ରିପୋର୍ଟ ପାଇବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଲେ ଆଗାମୀ ଦିନରେ ଟ୍ରେନ ସଂଖ୍ୟା ବୃଦ୍ଧି ପାଇବ। ଏଥିସହ ବ୍ରହ୍ମପୁର ଷ୍ଟେସନରେ ଟ୍ରେନର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ଯୋଜନା କରାଯିବ ବୋଲି ସେ କହିଛନ୍ତି। ଷ୍ଟେସନର ମେଡିକାଲ, ସମସ୍ତ ପ୍ଲାଟଫର୍ମ, ପ୍ରତୀକ୍ଷାଳୟ ଓ ଶୌଚାଳୟ ଗୁଡିକୁ ସେ ବୁଲି ଦେଖିଥିଲେ। ଅମୃତ ଯୋଜନାରେ ୧୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ଷ୍ଟେସନର ନୂତନ କୋଠା, ପ୍ରତୀକ୍ଷାଳୟ ଓ ମଡୁଲାର ଶୌଚାଳୟ ନିର୍ମାଣ ହେବ। ଏଥିସହ ଷ୍ଟେସନ ପରିସର, ଷ୍ଟେସନର ମୁଖ୍ୟ ଫାଟକ, ୨ ଚକିଆ, ୩ ଚକିଆ ଓ ୪ ଚକିଆ ଯାନ ବାହନ ପାଇଁ ପାର୍କିଂ କାର୍ଯ୍ୟ ଜାରି ରହିଛି।

# ନିଷ୍ଠାର ସହ ପାଠପଢ଼ି ଭଲ ମଣିଷ ହୁଅ : ମନ୍ତ୍ରୀ ଗୋକୁଳାନନ୍ଦ

ବୁଗୁଡ଼ା,୩।୨(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କାନ୍ତ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରମାନେ କଠୋର ପରିଶ୍ରମ ଓ ନିଷ୍ଠାର ସହ ଅଧ୍ୟୟନ କରି, ଚାକିରି ପଛରେ ନ ଗୋଡ଼ାଇ ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କୁ ଚାକିରି ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରାକ୍ତନ ଅଧ୍ୟକ୍ଷ, ଭଞ୍ଜ ଗବେଷକ ଡ଼କ୍ଟର କମ୍ବୁପାଣି ସାମନ୍ତ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁକ୍ତ ତିନି ବିଭାଗର ଅଧ୍ୟକ୍ଷ ଗୋପୀନାଥ ମହାନ୍ତି, ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ବିଭୁତି ଭୂଷଣ ବେର୍ତା, ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର ପରିଡ଼ା, ପ୍ରାକ୍ତନ ସମିତିସଭ୍ୟ ମହେନ୍ଦ୍ର ପ୍ରସାଦ ପଣ୍ଡା, ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ର ଓ ପ୍ରାଧ୍ୟାପକ ଡ଼କ୍ଟର ଶିଶିର ନାୟକ, ସୁଜାତା କୁମାରୀ ପଟ୍ଟନାୟକ, ସ୍ମିତାରାଣୀ ସାହୁ, ସଞ୍ଜୟ ପାତ୍ର, ଡେମନଷ୍ଟ୍ରେଟର ରଶ୍ମିରଞ୍ଜନ ତ୍ରିପାଠୀ ଓ ପ୍ରଦ୍ୟୁମ୍ନ ପାଢୀଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ଡ଼. ଦିଲୀପ ପ୍ରଧାନ, ଭଞ୍ଜ କିଶୋର ଗୌଡ଼ ଓ ଉମା ଚରଣ ଗୌଡ଼ ପରିଚାଳନା କରିଥିବା ବେଳେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।



ପୁରସ୍କୃତ କରୁଛନ୍ତି ମନ୍ତ୍ରୀ ।

# ନବଜୀବନ ସେବାଶ୍ରମ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ



ଫାର୍ମାସିଷ୍ଟ ଓ କ୍ଲବ ସଦସ୍ୟଙ୍କ ଗହଣରେ ଅନ୍ତେବାସୀ।

ବ୍ରହ୍ମପୁର,୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ମଦନମୋହନପୁର କନିଷ୍ଠି ସ୍ଥିତ ନବଜୀବନ ସେବାଶ୍ରମଠାରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ମୁଖ୍ୟ ସହଯୋଗୀ ରୂପେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ଫାର୍ମାସିଷ୍ଟ ସୁଶାନ୍ତ କୁମାର ପ୍ରଧାନ ଏଭଳି ଜନହିତକର କାର୍ଯ୍ୟ କରି ଅନ୍ୟମାନଙ୍କୁ ପ୍ରେରଣା ଦେଇଛନ୍ତି। ସେ ତାଙ୍କର ଜନ୍ମଦିନରେ ରିପୋନୋଭା କ୍ଲବ ସହିତ ମିଳିତ ଭାବେ ଏହି କାର୍ଯ୍ୟକ୍ରମ କରିଥିଲେ। ଆଶ୍ରମର ୧୫୦ ଅନ୍ତେବାସୀଙ୍କୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ରିପୋନୋଭା କ୍ଲବ୍‌ର ସଭାପତି ରଶ୍ମିରଞ୍ଜନ ସାହୁ ଓ ଉପ ସଭାପତି ଶଶାଙ୍କ ଶେଖର ପଣ୍ଡା ପରିଚାଳନା କରିଥିଲେ।

# ୧୮୬ ଅଭିଯୋଗ ଶୁଣାଣି କଲେ ଜିଲାପାଳ

ଛତ୍ରପୁର, ୩।୨(ଦିଲ୍ଲୀପ ସାମଲ)

ଛତ୍ରପୁର ଜଉଗଡ ସମ୍ମିଳନୀ କକ୍ଷରେ ସୋମବାର ଗଞ୍ଜାମ ଜିଲାପାଳ ଓ ଏସ୍‌ପି ଯୁଗ୍ମ ଅଭିଯୋଗ ଶୁଣାଣି କରିଛନ୍ତି। ଆସିଥିବା ଅଭିଯୋଗଗୁଡିକରୁ ୧୮୬ଟିର ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା ଶୁଣାଣି କରି ବିଭାଗୀୟ ଅଧିକାରୀମାନଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟତଃ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ, ଧାନ କ୍ରୟ ସମ୍ପର୍କିତ, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଭତ୍ତା, ପାନୀୟ ଜଳ ସମସ୍ୟା, ଆବାସ ଗୃହ ଯୋଗାଇବା, ରାଶନ କାର୍ଡ ଭଳି ବିଭିନ୍ନ ଅଭିଯୋଗ ଆସିଥିଲା। ଅଭିଯୋଗଗୁଡ଼ିକରୁ ୧୭୧ଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୫ଟି ସାମୂହିକ ସମସ୍ୟାମୂଳକ ଅଭିଯୋଗ ଥିଲା। କେତେକ ଅଭିଯୋଗର ଆଶୁ ସମାଧାନ କରାଯାଇଛି। ୪ଜଣଙ୍କୁ ରେଡକ୍ରସ ପାଣ୍ଠିରୁ୨୩ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଅଭିଯୋଗ ଶୁଣାଣିରେ



ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ ।

ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁସ୍ମିତା, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ ପୃଷ୍ଟି, ଉପଜିଲାପାଳ ଶିବାଶିଷ ବରାଳ,ଏସ୍‌ଡିପିଓ ଗୌରହରି ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମଣ୍ଡି ସମସ୍ୟା ସମାଧାନ ନେଇ ଚାଷୀଙ୍କୁ ପ୍ରତିଶ୍ରୁତି

ଧରାକୋଟ,୩।୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ୧୫ଟି ମଣ୍ଡି ଓ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ଧାନ ମଣ୍ଡି ବୁଲି ଦେଖିଛନ୍ତି ଧରାକୋଟ ବିଡ ଓ ଡେନିଜ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ଯୋଗାଣ ନୀରିକ୍ଷକ ସଞ୍ଜୟ ମଲିକ। ଧାନ କିଣାରେ ସ୍ୱଚ୍ଛତା, ମଣ୍ଡିରେ ଅବ୍ୟବସ୍ଥା ଓ ଟୋକେନ ଜନିତ ସମସ୍ୟାକୁ ନେଇ ଚାଷୀଙ୍କ ମନରେ ଉପୁଜିଥିବା ଆଶା ଓ ଆଶଙ୍କାକୁ ଦୂର କରିଛନ୍ତି। ମଣ୍ଡି ପରିଦର୍ଶନ ବେଳେ ଚାଷୀ ଯେପରି କଟନି ଛଟନିର ଶିକାର ନହୋଇ ଶୃଙ୍ଖଳିତ ଭାବେ ଧାନ ବିକ୍ରି କରିବେ ସେ ସଂକ୍ରାନ୍ତୀୟ ସ୍ଥିତି ପରିଖି ସମବାୟ ସମିତି ସମ୍ପାଦକ ମାନଙ୍କୁ ତାଗିଦ କରିଛନ୍ତି। ସେହିପରି ଚାଷୀଙ୍କ ସହ ଆଲୋଚନା କରି ସମସ୍ତେ ଯେମିତି ଏଫ୍ଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବେ ସେଥିପାଇଁ ସଚେତନ କରିଛନ୍ତି। ଚାଷୀଙ୍କ ସହ ଆଲୋଚନା ବେଳେ ଟୋକେନ ଅବଧି ସରିଯିବା ନେଇ ଅଭିଯୋଗ ସହ ଭୁଲ ଧାରଣାକୁ ପଦାଧିକାରୀ ମାନେ ଦୂର କରିଛନ୍ତି। ଧରାକୋଟ ବ୍ଲକର ୮୦୨୬ ଜଣ ଚାଷୀଙ୍କ ଠାରୁ ଚଳିତ ଖରିଫ ଋତୁରେ ୨୦୪୬୫୬ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୫୦୪୦୭ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବା ଯୋଗାଣ ନୀରିକ୍ଷକ ସଞ୍ଜୟ ମଲିକ ସୂଚନା ଦେଇଛନ୍ତି।

# ଜେଲ ଗଲେ ୨ ଅଭିଯୁକ୍ତ

## ନାବାଳିକା ଛାତ୍ରୀଙ୍କ ଉଲଗ୍ନ ଫଟୋ ଭାଇରାଲ ଘଟଣା

ଦିଗପହଣ୍ଡି,୩।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ଜଣେ ୭ମ ଶ୍ରେଣୀର ନାବାଳିକା ଛାତ୍ରୀଙ୍କୁ ଉଲଗ୍ନ କରି ଭିଡ଼ିଓ ଫଟୋ ଉତ୍ତୋଳନ କରି ପରେ ଏହାକୁ ଭାଇରାଲ କରିବା ଘଟଣାରେ ଦିଗପହଣ୍ଡି ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପଦ୍ମନ ନାଇକ ଏବଂ ଜି.ଜଗନ୍ନାଥ ଦୋରା। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ବ୍ରହ୍ମପୁର ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ଯୁବକ ଫେରାର ଥିବା ତଦନ୍ତକାରୀ ଅଧିକାରୀ ଆଇଆଇସି ପ୍ରଶାନ୍ତ ପାତ୍ର କହିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଗତ ଜାନୁଆରୀ ୨୭ରେ ସ୍କୁଲରେ ମଧ୍ୟାହ୍ନ ବିରତି ପରେ ଅଭିଯୁକ୍ତମାନେ ସମ୍ପୃକ୍ତା ଛାତ୍ରୀଙ୍କୁ ଅପହରଣ କରି ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ଉଲଗ୍ନ କରି ତାଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ପରେ ସେମାନେ ତାଙ୍କୁ ବ୍ଲାକମେଲିଂ କରିଥିଲେ। ଛାତ୍ରୀଜଣକ ଅଭିଯୁକ୍ତମାନଙ୍କ କଥାରେ ସହମତି ପ୍ରକାଶ ନ କରିବାରୁ ସେମାନେ ମୋବାଇଲ ଫୋନରେ ଉଠାଇଥିବା ଭିଡ଼ିଓ ଏବଂ ଫୋଟକୁ ଭାଇରାଲ କରିଦେଇଥିଲେ। ଛାତ୍ରୀଙ୍କ ବାପା ଘଟଣା ସମ୍ପର୍କରେ ଜାଣିବା ପରେ ସୋମବାର ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି ପାତ୍ର ଏତଲାକୁ ଭିତ୍ତିକରି ନଂ.୫୨/୨୫ରେ ମାମଲା ରୁଜୁ କରି ନିଜେ ଘଟଣାର ତଦନ୍ତ କରିଥିଲେ। ପରେ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ବିଭିନ୍ନ ଅଞ୍ଚଳରେ ଚଢାଉ ଜାରି ରହିଛି। ଗିରଫ ଅଭିଯୁକ୍ତଙ୍କଠାରୁ ବ୍ୟବହୃତ ମୋବାଇଲ ଫୋନ ଜବତ ହୋଇଛି।

# ବିଶ୍ୱ ଆର୍ଦ୍ରଭୂମି ଦିବସ

ବେଲଗୁଣ୍ଠା,୩।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଛି। ଶିକ୍ଷୟିତ୍ରୀ ଡୋକି ସରୋଜିନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏର୍ନ୍ଜି କ୍ଲବ୍‌ର ଶିକ୍ଷକ ପ୍ରଭାତ ଗୌଡ଼ ଆର୍ଦ୍ରଭୂମି ସମ୍ପର୍କରେ କହିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ସହିତ ମିଶି ଚାରାରୋପଣ କରିବା ସହିତ ପୋଖରୀ ଚତୁଃପାର୍ଶ୍ୱର ଆବର୍ଜନାର ସଫେଇ କରିଥିଲେ। ଶିକ୍ଷକ ବିଶ୍ୱଜିତ୍ ନାୟକ, ପ୍ରଭାତ ଗୌଡ଼, ମାନସ ରଞ୍ଜନ ମହାନ୍ତି, ସନ୍ତୋଷ ସାହୁ, ଶିକ୍ଷୟିତ୍ରୀ ବର୍ଷା ରାଣୀ ବେହେରା, ସୁସାଙ୍ଗିନୀ ପ୍ରଧାନ, ସ୍ୱାଗତିକା ସେଠୀ, ଝରଣା ଦାସ, ରଶ୍ମୀ ପାଢୀ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖୋ ଖୋ ମହିଳା ଦଳର ଝାଡ଼ଖଣ୍ଡ ଗସ୍ତ



ଅତିଥିଙ୍କ ଗହଣରେ ଝାଡଖଣ୍ଡ ଯିବାକୁ ଥିବା ପ୍ରତିଯୋଗୀମାନେ।

ବ୍ରହ୍ମପୁର,୩।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ସୋମବାର ଖୋ ଖୋ ମହିଳା ଦଳ ଝାଡ଼ଖଣ୍ଡ ଗସ୍ତ କରିଛନ୍ତି । ଝାଡ଼ଖଣ୍ଡ ସ୍ଥିତ ହଜାରିବାଗ ବିନୋଭା ଭାବେ ୟୁନିଭରସିଟି ଠାରେ ଆସନ୍ତା ୬ରୁ ୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗ ନେବେ। ଦଳରେ ଖେମୁଣ୍ଡି କଲେଜର ପୂଜା ବେହେରା, ପିଙ୍କି ବେହେରା, ଫୁଲବାଣୀ ସରକାରୀ ମହାବିଦ୍ୟାଳୟର ଶର୍ମିଳା ପ୍ରଧାନ, ରାଇକିଆ ଜେ. ଜେ. ମହାବିଦ୍ୟାଳୟର ମୁକ୍ତାଞ୍ଜଳି ପ୍ରଧାନ, ମୋନାଲିସା ପ୍ରଧାନ, ଗୁରାଣ୍ଡିମୀନ କେତନ କଲେଜର ବନ୍ଦନା ବେହେରା, ଏସ. ଯୋଗେଶ୍ୱରୀ, ସସ୍ମିତା ଶବର, ବି. କୁମାରୀ, ଜି. ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟର ରଚନା ପ୍ରଧାନ, ସୀପ୍ରାମୟୀ ପ୍ରଧାନ, ଦୀପିକା ପ୍ରଧାନ ରହିଥିବା ବେଳେ ମେନେଜର ଜି. ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟର ଡ଼. ମାମିନା ଦାଶ, କୋଚ ଭାବେ ପି ଇ ଟି ସରୋଜ କୁମାର ଦାଶ ଦଳରେ ଗସ୍ତ କରିଛନ୍ତି । କ୍ରୀଡା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ,କ୍ରୀଡା ପରିଷଦ ସମ୍ପାଦକ ଡ.ସାରଦା ପ୍ରସାଦ ସାହୁ, ରାଜେଶ କୁମାର ମହାନ୍ତି, ରବି ଚରଣ ମିଶ୍ର, କେ. ରଘୁନାଥ ରେଡ଼ି, ସୁନିତା ପାତ୍ର, ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଋଷିକୁଲ୍ୟା ମୁହାଣରେ ବିଦେଶାଗତ ଦୁବହଂସ

ବ୍ରହ୍ମପୁର,୩।୨(ଅଶୋକ କୁମାର ସାହୁ)

ଶୀତଦିନ ଆସିଲେ ଓଡ଼ିଶାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୁଏ। ବହୁ ପ୍ରକାର ବିଦେଶୀ ପକ୍ଷୀ ଆସିଥିବା ଚଳିତଥର ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା ବେଳେ ଜଣାପଡିଥିଲା। କିଛିଦିନ ତଳେ ଦକ୍ଷିଣପୁର ଜଳଭଣ୍ଡାରରେ ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିଥିଲା। ଏବେ ଋଷିକୁଲ୍ୟା ନଦୀ ପୋତାଗଡଠାରେ ସୋମବାର ଦୁବହଂସ ଦଳକୁ ଦେଖିବାକୁ ମିଳିଛି। ବିଶେଷକରି ମୋଙ୍ଗଲିଆ, ଲଦାଖ ଅଞ୍ଚଳରୁ ଏହି ପକ୍ଷୀମାନେ ଆସିଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ସେଠାରେ ପ୍ରବଳ ଶୀତ ଅନୁଭୂତ ହେଉଛି। ବରଫ ପଡିବା ଯୋଗୁ ଏମାନଙ୍କ ଖାଦ୍ୟ ସଂଗ୍ରହରେ ବାଧା ସୃଷ୍ଟି ହେଉଛି। ତେଣୁ ଏଠାରେ ଶୀତ ଦିନ ହୋଇଥିଲେ ବି ଗରମ ଅନୁଭୂତ ହେଉଥିବାରୁ ଦୁବହଂସମାନେ ଦଳ ଦଳ ହୋଇ ଆସିଛନ୍ତି। ଏଠାକାର ଭଲ ପରିବେଶରେ ରହିବା ଓ ଖାଦ୍ୟ ସଂଗ୍ରହ କରିବା ଉପରେ ସେମାନେ ଗୁରୁତ୍ୱ ଦିଅନ୍ତି। ଏହି ହଂସଗୁଡିକ ମଧ୍ୟରୁ କେତେକ ହଂସଙ୍କ



ବେକରେ ନୀଳ ଓ ସବୁଜ ଟ୍ୟାଗ ଲାଗିଛି। ନୀଳ ଟାଗ ଲାଗିଥିବା ହଂସଗୁଡିକ ଦେଶର ଥଣ୍ଡା ସ୍ଥାନରୁ ଆସିଥିବାବେଳେ ସବୁଜ ଟ୍ୟାଗ ଲାଗିଥିବା ହଂସଗୁଡିକ ବିଦେଶାଗତ ବୋଲି କୁହାଯାଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ସାଧାରଣତଃ ଏହି ଜାତୀୟ ପକ୍ଷୀମାନେ ସ୍ଥାନ ପରିବର୍ତ୍ତନ କରିଥାନ୍ତି। ଖାଲି ଦୁବହଂସ ନୁହେଁ ଅନ୍ୟାନ୍ୟ ବିଦେଶାଗତ ଓ ଦେଶୀୟ ପକ୍ଷୀମାନେ ଆସୁଛନ୍ତି। ଶୀତ ଦିନ ସରିବା ପରେ ସେମାନେ ସ୍ୱସ୍ଥାନକୁ ଫେରିଯିବେ ବୋଲି ଏ କ୍ଷେତ୍ରରେ ଗବେଷଣା କରୁଥିବା ଟାଟା ଷ୍ଟିଲ ଫାଉଣ୍ଡେସନର ଗବେଷକ ଡ. ସୁବ୍ରତ ଦେବତା କହିଛନ୍ତି। ତେବେ ଗତବର୍ଷ ଦୁବହଂସ କମ ଆସିଥିବାବେଳେ ଚଳିତବର୍ଷ ପ୍ରାୟ ୨୫୦ ଦୁବହଂସ ଆସିଥିବା ସ୍ଥାନୀୟ ଲୋକେ ବି କହୁଛନ୍ତି। ଏ ସଂକ୍ରାନ୍ତରେ ଜୀବଜନ୍ତୁ ଓ ପରିବେଶର ସୁରକ୍ଷା ପାଇଁ ଉଦ୍ୟମ କରୁଥିବା ଋଷିକୁଲ୍ୟା କଇଁଛ ସୁରକ୍ଷା ସମିତିର ସମ୍ପାଦକ ରବୀନ୍ଦ୍ର ନାଥ ସାହୁ କୁହନ୍ତି, ୨୦୧୪ରେ ଏମାନେ ଋଷିକୁଲ୍ୟାକୁ ଆସିବା ବେଳେ ଗୋଟିଏ ହଂସ ବେକରେ ଗ୍ରୀନ ଟ୍ୟାଗ ଲାଗିଥିବା ଦେଖାଯାଇଥିଲା, ଯାହାକି ବିଦେଶାଗତ ବୋଲି ଗବେଷକମାନେ ମତ ଦେଇଥିଲେ। ଏବେ ଋଷିକୁଲ୍ୟା ନଦୀର ପୋତାଗଡଠାରେ ଗୋଟିଏ ହଂସର ବେକରେ ନୀଳ ଟ୍ୟାଗ ଲାଗିଛି, ଯାହାକି ଦେଶୀୟ ବୋଲି ଗବେଷକମାନେ କହୁଛନ୍ତି। ଏମାନେ ପରିବେଶ ପାଇଁ ବହୁ ଉପକାରୀ ହୋଇଥିବାବେଳେ ସେମାନଙ୍କ ସୁରକ୍ଷା ଏବେ ଚିନ୍ତାର କାରଣ ହୋଇଛି। ସେମାନଙ୍କ ପାଇଁ ଏଠାରେ ପ୍ରଚୁର ଖାଦ୍ୟ ରହିଛି। ନଦୀ ଭିତରେ ଥିବା ବୁଦାଗୁଡିକରେ ଛୋଟ ଛୋଟ ପୋକଜୋକ ଏମାନଙ୍କ ଆହାର। ଏଥି ସହିତ ନଦୀରେ ଛୋଟ ମାଛ ବି ଏମାନଙ୍କ ଆହାର। ଏମାନେ ଯଦିଓ ଆସିଛନ୍ତି କିଭଳି ସୁରକ୍ଷିତ ଭାବେ ସେମାନଙ୍କ ସ୍ଥାନକୁ ଫେରିବେ ସେଥିପାଇଁ ସମିତି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏମାନଙ୍କୁ ଦେଖିବାକୁ ଦଳଦଳ ପର୍ଯ୍ୟଟକମାନେ ବି ଆସୁଛନ୍ତି। ତେଣୁ ମୁହାଣରେ ଥିବା ଗ୍ରାମବାସୀମାନେ ବି ଏମାନଙ୍କ ସୁରକ୍ଷା ପାଇଁ ଦୃଷ୍ଟି ରଖିଥିବା କୁହାଯାଇଛି।

